# ସ୍ୱୟଂସହାୟକ ଗୋଷ୍ଠୀ{ଏସ.ଏଚ.ଜି ,SHG}
# ମାର୍ଗଦର୍ଶିକା

**୧)ସ୍ୱୟଂସହାୟତା {SelfHelp}କ'ଣ? :**-ଆଇ ମା ଗପ ଠୁ ଆରମ୍ଭ କରି ପିଲା ଦିନ ସ୍କୁଲ ବହିରେ ଭି ମଧ୍ୟ ଉଲେଖ ଅଛି ଏକତା ହିଁ ବଳ। ମିଳିମିଶି କମ କଲେ ଅସାଧ ସାଧହୁଏ ।ଗୋଟିଏ ବାଡି ଭାଙ୍ଗିବା ସହଜ ମାତ୍ର ବିଡାଏ କାଠିକୁ ଭାଙ୍ଗିବା କଷ୍ଟସାଧ । ପିଲାଟି ଦିନ ରୁ ଏହି ନୀତିବାଣୀ ଶୁଣି ଆସିଛୁ ।ସ୍ୱୟଂସହାୟକ ଗୋଷ୍ଠୀ ଉପରୋକ୍ତ ଉକ୍ତି ଗୁଡିକର ସତ୍ୟତା ପ୍ରମାଣ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ । "ସ୍ୱୟଂସହାୟତା ଯେ ଉତ୍କୃଷ୍ଟ ସହାୟତା"ତାହା ସମୟକ୍ରମେ ପ୍ରମାଣିତ କରି ଚାଲିଛି ସ୍ୱୟଂସହାୟକଗୋଷ୍ଠୀ । ଦାରିଦ୍ର ବିରୁଦ୍ଧରେ ଯେଉଁ ସଂଗ୍ରାମ ଚାଲିଛି ସେଥିରେ ସ୍ୱୟଂସହାୟକଗୋଷ୍ଠୀବର୍ତ୍ତମାନ ମୁଖ୍ୟ ଆୟୁଧ ଭାବେ କାମ କରୁଛି ।

**୨)ସ୍ୱୟଂସହାୟକଗୋଷ୍ଠୀ{SHG}କ'ଣ?:**- ସ୍ୱୟଂସହାୟକ ଗୋଷ୍ଠୀ,ସମଭାବ ତଥା ସମ୍ବଳ ସମ୍ପର୍ନ୍ନ ଗରିବ ଲୋକଙ୍କ ଦ୍ୱାରା ଗଠିତ ଏକ ଅଣପଞ୍ଜୀକୃତ ଗୋଷ୍ଠୀ ।ଏହାରସଦସ୍ୟା ମାନେ ନିୟମିତ ବ୍ୟବଧାନରେ ବୈଠକ ବସି ଅପୋଷ ଆଲୋଚନା ମାଧ୍ୟମ ରେ ନିତିଦିନିଆ ସମସ୍ୟାର ସମାଧାନ ଖୋଜନ୍ତି; ମିଳିତ ଭାବେ ସେଗୁଡିକର ସମାଧାନ କରିବାକୁ ଚେଷ୍ଟା କରନ୍ତି।ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ମାନେ ନିଜର ସ୍ୱଳ୍ପ ରୋଜଗାରରୁ କ୍ଷମତାନୁସାରେ ନିୟମିତ ଭାବେ କିଛି ସଞ୍ଚୟ କରି ସେହି ପାଣ୍ଠିକୁ ସେମାନେ ଯେ କୌଣସି ଜାତୀୟ ବ୍ୟାଙ୍କ ଶାଖା ରେ ଏକ ସଞ୍ଚୟ ଖାତା**{SavingsBankAccount}** ଖୋଲି ଜମା ରଖନ୍ତି। ସେହି ଜମା ରଖିଥିବା ପାଣ୍ଠି କୁ ଜରୁରୀକାଳୀନ ଅବଶ୍ୟକତା ପୂରଣ କରିବା ପାଇଁ ନିଜ ନିଜ ମଧ୍ୟରେ ଋଣ ଆକାରରେ ବିନିଯୋଗ କରନ୍ତି।

**୩) ସ୍ୱୟଂସହାୟକଗୋଷ୍ଠୀ{SHG} କାହିଁକି ?:**-ସ୍ୱୟଂସହାୟକଗୋଷ୍ଠୀର ସଦସ୍ୟମାନଙ୍କୁ ନିମ୍ନ ଲିଖିତ ଲାଭ ମିଳିଥାଏ ।

- ଏକତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି
- ସଞ୍ଚୟ ମନୋଭାବ ବୃଦ୍ଧି
- ହିସାବ କିତାବ ରଖିବା ଦକ୍ଷତା ବୃଦ୍ଧି
- ମହାଜନ ଶୋଷଣରୁ ମୁକ୍ତି
- ମିଳିତ ଭାବେ ଜ୍ଞାନ ଓ ଶକ୍ତିର ପ୍ରୟୋଗ
- ସାମୂହିକ ପାଣ୍ଠି ତଥା ଋଣ ପରିଚାଳନା ସମ୍ବନ୍ଧରେ ଜ୍ଞାନ ଓ ନେତୃତ୍ୱର ବିକାଶ

**୪)ସ୍ୱୟଂସହାୟକଗୋଷ୍ଠୀର ବୈଶିଷ୍ଟ୍ୟଅଥବା ଦଳ ଗଠନ :**-ଏକ ଗୋଷ୍ଠୀ ରେ ସର୍ବନିମ୍ନ ୧୦ ଓ ସର୍ବାଧିକ ୨୦ ଜଣ ସଦସ୍ୟ ରୁହନ୍ତି। ଏହାଠୁ ଅଧିକ ରହିଲେ କୌଣସି କାର୍ଯ୍ୟରେ ସମସ୍ତଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ କଷ୍ଟସାଧ ହୋଇପାରେ ।

- ଗ୍ରାମ / ସାହି ସର୍ଭେ ଓ ସଭ୍ୟ, ସଭ୍ୟା ଚିହ୍ନଟ ଏବଂ ପ୍ରାକ ସଭା ଆୟୋଜନ।
- ଦଳ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଶିକ୍ଷା ।
- ଗୋଷ୍ଠୀ ରେଜେଷ୍ଟ୍ରି ଭୁକ୍ତ ହେବା ଦରକାର ନାହିଁ ।
- ଗୋଟିଏ ପରିବାର ରୁ ଜଣେ ଲେଖାଏ ସଦସ୍ୟ ହୋଇପାରିବେ।
- ମହିଳା ଦଳଗୁଡିକର କାର୍ଯ୍ୟ ଦକ୍ଷତା ସାଧାରଣତଃ ପୁରୁଷଦଳ ଅପେକ୍ଷା ଅଧିକ ହୋଇଥାଏ ।
- ପୂର୍ଣ୍ଣ ଉପସ୍ଥାପନ ସମସ୍ତଙ୍କ ନିଷ୍ପତି ନେବା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ଦିଏ ।
- ଦଳ ର ସଦସ୍ୟ ନିୟମିତ ଏକତ୍ରିତ ହେଉଥିବାରୁ ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଭଲଥାଏ ।

**୫)ଗୋଷ୍ଠୀ ସଭା କିପରି ଆୟୋଜନ କରିବା:**- ସ୍ୱୟଂସହାୟକଗୋଷ୍ଠୀ ଗଠନ ପୂର୍ବରୁ ଗ୍ରାମର ପୁରୁଖା ଲୋକ ତଥା ସମ୍ପ୍ରଦାୟର ଅଗ୍ରଣୀ ବ୍ୟକ୍ତି ମାନଙ୍କୁ ନେଇକି ଏକ ସଭା କରନ୍ତୁ । ଗୋଷ୍ଠୀ ଗଠନର ଅବଶ୍ୟକତା , ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଝାନ୍ତୁ।ସେମାନଙ୍କର ବିଶ୍ୱାସଭାଜନ ହେଇପାରିଲେ ଲକ୍ଷ୍ୟ ସହଜ ହେଇପାରିବ।ଏହାକୁ ଗୋଷ୍ଠୀ ଯୋଗଦାନ କୁହାଯାଏ । ସ୍ୱୟଂସହାୟତାର ଅନ୍ତର୍ନିହିତ ଶକ୍ତି ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବାର ର ଏହା ହେଉଛି ପ୍ରକୃଷ୍ଟ ସମୟ ।

**୬) ସ୍ୱୟଂସହାୟକଗୋଷ୍ଠୀ କିପରି ରୂପ ଧାରଣ କରେ :**- ଗ୍ରାମର ପୁରୁଖା ଲୋକ ତଥା ସମ୍ପ୍ରଦାୟର ଅଗ୍ରଣୀ ବ୍ୟକ୍ତି ମାନଙ୍କୁ ନେଇକି ଏକ ସଭା କରିବା ପରେ ସ୍ୱୟଂସହାୟକଗୋଷ୍ଠୀରେ ସାମିଲ ହେବା କୁ ଥିବା ସଦସ୍ୟ ମାନଙ୍କୁ ନେଇ ଏକ ସଭା କରନ୍ତୁ ।ଏଥିପାଇଁ ପରିବାର ର ଜଣେ ଲେଖାଏଁ ସଦସ୍ୟ ବାଛି ସମସ୍ତଙ୍କ ସୁବିଧାଅନୁସାରେ ଦିନ ,ତାରିଖ, ସମୟ ଧାର୍ଯ୍ୟ କରନ୍ତୁ । ଏହାକୁ ପ୍ରାରମ୍ଭିକ ସଭା କୁହାଯାଏ ।ସ୍ୱୟଂସହାୟକଗୋଷ୍ଠୀ ଗଠନସକାଶେ ୫ରୁ ୬ ମାସ ପର୍ଯ୍ୟନ୍ତ ସମୟ ଲାଗିପାରେ ଅଥବା ଗୋଷ୍ଠୀ ସ୍ଥିର ତଥା ପୂର୍ଣ୍ଣ କାର୍ଯ୍ୟକ୍ରମ ହେବାକୁ ଏକ ବର୍ଷ ରୁ ଦେଢ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିପାରେ.

୭)<u>ନେତୃତ୍ୱ</u> :- ଗୋଷ୍ଠୀର ପରିଚାଳନା କୁ ଏକ ନିର୍ଦ୍ଦିଷ୍ଟ ଦିଗ ଦେବା ପାଇଁ ନେତୃତ୍ୱର ଆବଶ୍ୟକତା ରହିଛି । ଯଦିଓ ଦଳ ର ନିଷ୍ପତି ଗଣତାନ୍ତ୍ରିକ ପଦ୍ଧତିରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରହଣ କରାଯାଏ କିନ୍ତୁ ଏହି ନିଷ୍ପତିକୁ କାର୍ଯ୍ୟରେ ପରିଣତ କରିବା ଦଳ ର ନେତୃତ୍ୱ ଉପରେ ନିର୍ଭର କରେ । ଏଣୁ ଜଣେ ସଦସ୍ୟ ଦଳର ନେତୃତ୍ୱ ନେବା ଦରକାର।

୮)<u>ସ୍ୱୟଂସହାୟକଗୋଷ୍ଠୀର ଟଙ୍କା ତଥା ହିସାବପତ୍ର ପରିଚାଳନା</u> :-ଯେକୌଣସି ବ୍ୟବସାୟିକ ଅନୁଷ୍ଠାନର ଟଙ୍କା ତଥା ହିସାବ ପତ୍ର ପରିଚାଳନା,ଖାତାପତ୍ର ରକ୍ଷଣାବେକ୍ଷଣ ହେଉଛି ଉତ୍ତମ ପରିଚାଳନା ର ଗୁରୁତ୍ୱପୂର୍ଣ ଅଙ୍ଗ । SHG ଦ୍ୱାରା ବ୍ୟବହୃତ ହେଉଥିବା ହିସାବଖାତା ସରଳ ତଥା ସେମାନଙ୍କ ଆବଶ୍ୟକତା ଏବ ଦକ୍ଷତା ଅନୁସାରେ ତିଆରି କରାଯାଇଥାଏ । ଦଳମଧ୍ୟ ରୁ ଯଦି ସମସ୍ତ ସଦସ୍ୟ ହିସାବପତ୍ର ରଖିବାରେ ଅସମର୍ଥ ଥାନ୍ତି ତାହାହେଲେ ଦଳ ବାହାରୁ ବିଶ୍ୱସ୍ତ ଲୋକକୁ ଦାଇତ୍ୱ ଦେବାକୁ ହୁଏ । ସଦସ୍ୟ ମାନଙ୍କର କଷ୍ଟ ଉପାର୍ଜିତ ଧନ ଦାଇତ୍ୱ ଗୋଷ୍ଠୀ ଉପରେ ଥିବାରୁ ତା'ର ସୁପରିଚାଳନା ଜରୁରୀ ।ଅତିକମରେ ଦଳ ର ଦୁଇ ଜଣ ହିସାବକିତାବ ଶିଖିବା ଜରୁରୀ । ସେଥିପାଇଁ ସ୍ୱେଚ୍ଛାସେବୀ ସଂସ୍ଥା {NGO}ରେ ଥିବା ଅଭିଜ୍ଞ ବ୍ୟକ୍ତିଙ୍କର ସାହାଯ୍ୟ ନେବା ଦରକାର । SHG ଦ୍ୱାରା ରଖାଯାଉଥିବା କେତେଗୋଟି ଖାତା ହେଲା –**ଅଧିବେଶନ ଖାତା, ସଞ୍ଚୟ ଖାତା , ଋଣ ଖାତା , ସାପ୍ତାହିକ / ମାସିକ ଖାତା , ସଭ୍ୟଙ୍କ ଜମା ଖାତା ବା ପାସ୍ବୁକ୍** ଇତ୍ୟାଦି ।

୯)<u>SHG ଓ ବ୍ୟାଙ୍କର ସଂଯୋଗ ସ୍ଥାପନ</u>:- ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁସାରେ ସମସ୍ତ ବ୍ୟବସାୟିକ, ଗ୍ରାମ୍ୟ ତଥା ସମବାୟ ବ୍ୟାଙ୍କ ରେ ଗୋଷ୍ଠୀ ସଦସ୍ୟମାନଙ୍କର ନିୟମିତ ଜମାରାଶି କୁ ଏକାଠି କରି ବ୍ୟାଙ୍କ ରେ SHG{ଗୋଷ୍ଠୀ}ନାମରେଏକ ସଞ୍ଚୟ ଖାତା ଖୋଲାଯିବର ବ୍ୟବସ୍ଥା ରହିଛି । ଖାତା ଖୋଲାଯିବା ପୂର୍ବରୁ SHG ସଭାରେ ସର୍ବସମତ୍ତି କ୍ରମେ ଏକ ନିଷ୍ପତିପତ୍ର ବ୍ୟାଙ୍କ ରେ ଦାଖଲ କରିବାକୁହେବ ।SHG ତିନି ଜଣଙ୍କୁ ସଞ୍ଚୟ ଖାତାର ପରିଚାଳନାର କ୍ଷମତା ପ୍ରଦାନ କରିବା ସହିତ ସେହି ତିନି ଜଣଙ୍କ ମଧ୍ୟ ରୁ ଦୁଇ ଜଣ ଯୁଗ୍ମ ଭାବରେ ସ୍ୱାକ୍ଷର କରି ସଞ୍ଚୟଖାତାରୁ ଟଙ୍କା ଉଠାଇ ପାରିବାର ବ୍ୟବସ୍ଥା ପ୍ରଦାନ କରିବା ଦରକାର ।ସଭାରେ ନିଆଯାଇଥିବା ଏହି ସମ୍ପର୍କୀୟ ନିଷ୍ପତ୍ତିର ନକଲ ଠିକ ଭାବେ ରେ ପୂରଣ ହେଇଥିବା ଦରଖାସ୍ତ ଫର୍ମ ସହ ଦାଖଲ କରିବେ । ଦରଖାସ୍ତରେ ଦଳର ସଞ୍ଚୟଖାତା ପରିଚାଳନା ଦାଇତ୍ୱରେ ଥିବା ସଦସ୍ୟଙ୍କର ପରିଚୟକୁ ଦଳଗଢିଥିବା **ସ୍ୱେଚ୍ଛାସେବୀ ଅନୁଷ୍ଠାନ {NGO}** ଅନୁମୋଦନ କରିଥିବା ଆବଶ୍ୟକ ।

୧୦) **ସ୍ୱୟଂସହାୟକଗୋଷ୍ଠୀର{SHG} କାର୍ଯ୍ୟାବଳୀ :-**

- **ନିୟମିତ ଓ ସାପ୍ତାହିକ ବୈଠକ**:-ପ୍ରତେକ ସଭ୍ୟ ଙ୍କୁ ସୁହାଇଲା ଭଳି ସମସ୍ତଙ୍କର ସହମତି କ୍ରମେ ନିର୍ଦ୍ଦିଷ୍ଟ ସମୟ, ତାରିଖଓ ଦିନ ରେ ବୈଠକ କରିବା
- **ସଞ୍ଚୟ** :- ଗୋଷ୍ଠୀ ଦ୍ୱାରା ସ୍ଥିର କରାଯାଇଥିବା ପରିମାଣ ଅନୁଯାୟୀ ପ୍ରତେକ ସଭ୍ୟ ଗୋଷ୍ଠୀ ରେ ନିୟମିତ ଜମା ରଖିବେ ।
- **ଋଣ କାରବାର** :- ଗୋଷ୍ଠୀ ରେ ପାଣ୍ଠି ଆବଶ୍ୟକ ବେଳେ ସଭ୍ୟା ମାନଙ୍କୁ ଋଣ ଆକାରରେ ଦିଆଯିବ ।
- **ନଥିପତ୍ର ରକ୍ଷଣାବେକ୍ଷଣ** :- ଗୋଷ୍ଠୀ ରେ ନଥିପତ୍ର ରହିବା ଆବଶ୍ୟକ । ଯେଉଁଥିରେ କି ଦଳର ଆର୍ଥିକ ଓ ସାମାଜିକ କାର୍ଯ୍ୟକୁ ଲିପିବଦ୍ଧ କରାଯାଏ ।
- **ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ**:- ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଲାଭ ମିଳିଥାଏ ।
- **ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ**:- ଗୋଷ୍ଠୀର ସ୍ଥାୟିତ୍ୱ ତଥା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଗୋଷ୍ଠୀ ମଧ୍ୟରେ ସୁ ସମ୍ପର୍କ ରଖି ସମ୍ବଳ ବୃଦ୍ଧି କରିବା
- **ତାଲିମ ଓ ଦକ୍ଷତା ବୃଦ୍ଧି** :-ଗୋଷ୍ଠୀ ତାର ସଭ୍ୟ ମାନଙ୍କୁ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ କରି ସେମାନଙ୍କର ଦକ୍ଷତା ବଢାଇବାରେ ସାହାଯ୍ୟ କରେ ।
- **ସାମାଜିକ କାର୍ଯ୍ୟ**:- ସଭ୍ୟାମାନେ ସାମାଜିକ କାର୍ଯ୍ୟ କରିବା ନିମନ୍ତେ କିପରି ଆଗ୍ରହ ପ୍ରକାଶ କରିବେ ସେଥିପାଇଁ**ସ୍ୱୟଂ ସହାୟକ ଗୋଷ୍ଠୀ** ଧ୍ୟାନ ଦେବା ଦରକାର । ଯେପରି ମହିଳା ହିଂସା ନିବାରଣ, ବାଲ୍ୟ ବିବାହ , ଗାଁ ରାସ୍ତା ଘାଟ ନିର୍ମାଣ, ଗାଁ ପରିମଳ ବ୍ୟବସ୍ଥା , ଗ୍ରାମ୍ୟ ବିକାଶ ନିମନ୍ତେ ବିଭିନ୍ନ ମେଳା , ସଭା ସମିତି , କ୍ୟାମ୍ପ ।

**ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ / ସଭ୍ୟା ମାନଙ୍କ ବୁଝିବା ସକାଶେ ପ୍ରଚାରପତ୍ର ଟି ପ୍ରକାଶ କରିଛୁ । ଆଶା କରୁଛୁ ଏହି ପତ୍ରଟି ସେମାନଙ୍କର ଆର୍ଥିକ ତଥା ସାମାଜିକ ବିକାଶ କ୍ଷେତ୍ର ରେ ନୂତନ ସମ୍ଭାବନା ସୃଷ୍ଟି କରିବ।**

**SocialDevelopmentFoundation,BalharChhak,TalcherAngul- 759104**

**Contact-8637287963 ,9437904108,7978222373 ଇମେଲ- sdftalcher@gmail.com**